ସାପ୍ତାହିକ
Postal Regd. No.: SBP/14/2025-2027
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ৺ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 14 | 6 - 12 April 2025 | Sambalpur | Pages- 8 | Invitation Price Rs.10

# ଦିଲ୍ଲୀରେ ପ୍ରଥମ ଥର ପାଇଁ ସରକାରଙ୍କ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ନୂଆଦିଲ୍ଲୀ : ଆଗାମୀ ଦଶନ୍ଧି ଓଡ଼ିଶାର ହେବ। ପୂର୍ବଭାରତର ପୂର୍ବୋଦୟ ହେବ ଏବଂ ଓଡ଼ିଶା ଏକ ବିକଶିତ ରାଜ୍ୟ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ଓଡ଼ିଶା ଦିବସ ସମାରୋହ ୨୦୨୫ ପାଳନ ଅବସରରେ କାର୍ଯ୍ୟକ୍ରମର ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମାଝୀ ଓଡ଼ିଶାକୁ ଆଗକୁ ନେବା ପାଇଁ ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରି କାମ କରିବା ପାଇଁ ଆହ୍ୱାନ କରିଛନ୍ତି।

ରେଳ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ମୋଦୀ ସରକାର ଅମଳରେ ଓଡ଼ିଶାର ବିକାଶ ବନ୍ଦେ ଭାରତ ଏକ୍ସପ୍ରେସ ଗତିରେ ଚାଲିଛି। କଂଗ୍ରେସ ସରକାର ଅମଳରେ ରାଜ୍ୟକୁ ମାତ୍ର ବାର୍ଷିକ ୭ଶହରୁ ୮ ଶହ କୋଟି ରେଳ ଅନୁଦାନ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ବାର୍ଷିକ ୧୦ ହଜାର କୋଟି ରେଳ ଅନୁଦାନ, ମିଳିଛି।

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ ଓଡ଼ିଶା କଳା ସଂସ୍କୃତି ଭଳି ପ୍ରାଚୁର୍ଯ୍ୟରେ ଭରପୂର। ରାଜ୍ୟରେ ବସବାସ କରୁଥିବା ୬୨ ଶ୍ରେଣୀର ଜନଜାତିଙ୍କ ମଧ୍ୟରୁ ୧୩ଟି ଜନଜାତି ଅତିଆଦିମ ଶ୍ରେଣୀର। ଖଣି ଖାଦାନ କ୍ଷେତ୍ରରେ ଦେଶର ସବୁଠାରୁ ଆଗୁଆ ରାଜ୍ୟ ହେଉଛି ଓଡ଼ିଶା ବୋଲି ସେ କହିଛନ୍ତି। ପ୍ରଧାନ ମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ଯେ, ସ୍ୱତନ୍ତ୍ର ରାଜ୍ୟ ଗଠନ ପୂର୍ବରୁ ଓଡ଼ିଆ ଭାଷା ପ୍ରଚଳନ ପାଇଁ ସମ୍ବଲପୁରଠାରେ ଗଣଆନ୍ଦୋଳନ ହୋଇଥିଲା।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)



सत्यमेव जयते

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି। ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ। ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି।

(ଦ୍ରୌପଦୀ ମୁର୍ମୁ)

सत्यमेव जयते

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି। ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି।

ଜୟ ହିନ୍ଦ୍। ଜୟ ଓଡ଼ିଶା।

(ଜଗଦୀପ ଧନଖଡ଼)

ସାପ୍ତାହିକ
Postal Regd. No.: SBP/14/2025-2027
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 14 | 6 - 12 April 2025 | Sambalpur | Pages- 8 | Invitation Price Rs.10

# ସମ୍ବଲପୁରରେ ହନୁମାନ ଜୟନ୍ତୀ ଭବ୍ୟ ଆକାରରେ ପାଳନ କରାଯିବ: ଜୟନାରାୟଣ ମିଶ୍ର

ସମ୍ବଲପୁର: ଆସନ୍ତା ୧୪ ତାରିଖ ଦିନ ସମ୍ବଲପୁରରେ ହନୁମାନ ଜୟନ୍ତୀ ଶାନ୍ତିପୂର୍ଣ୍ଣ ଭାବେ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଅଧ୍ୟକ୍ଷ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ।

ଶ୍ରୀ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏଥର ହନୁମାନ ଜୟନ୍ତୀକୁ ବିଶାଳ କରାଯିବ । ୨୫ ହଜାର ଭକ୍ତଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେଥିପାଇଁ ସମସ୍ତ ପୂର୍ବ ପ୍ରସ୍ତୁତି ସରିଛି । ହନୁମାନ ଜୟନ୍ତୀ ୧୪ ତାରିଖରେ ମୁଖ୍ୟ ଶୋଭାଯାତ୍ରା ବାହାରିବ । ଏଥିପାଇଁ ୬ଟି ସ୍ଥାନରୁ ଭିନ୍ନ ଭିନ୍ନ ପଡ଼ା କମିଟି ନିଜର ଶୋଭାଯାତ୍ରା ସାମିଲ କରିବେ । ପରେ ସମସ୍ତେ ମୁଖ୍ୟ ଶୋଭାଯାତ୍ରା ସାମିଲ ହେବେ । ସହରର ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରାମାନ ବାହାରି କୁଞ୍ଜେଲପଡ଼ା ଛକରେ ପହଞ୍ଚିବା ପରେ ବାଲିବନ୍ଧାରୁ ମୁଖ୍ୟ ଶୋଭାଯାତ୍ରା ବାହାରିବ । ସେଠାରୁ ମ୍ୟୁନିସପାଲଟି ଛକକୁ ଆସି ଆଖାଡ଼ା ପ୍ରଦର୍ଶନ ହେବ । ଗଙ୍ଗାଧର ମଣ୍ଡପରେ ଏକ ସାଧାରଣ ସଭା ହେବା ସହ ସେଠାରେ ଆଖଡ଼ା କମିଟିଙ୍କୁ ସମ୍ବର୍ଦ୍ଧିତ କରାଯିବ ।

ଶ୍ରୀ ମିଶ୍ର କହିଛନ୍ତି, ପ୍ରତି ପଡ଼ାରେ କମିଟି ରହିଛି । ପ୍ରତି ପରିବାରରୁ ଲୋକଙ୍କୁ ଏଥିରେ ସାମିଲ କରିବାକୁ ଚେଷ୍ଟା କରାଯାଉଛି । ୪ଟି ସ୍ଥାନରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ହେବ । ୨ ଦିନ ଧରି ସାରା ସହରରେ ହନୁମାନ ଚାଳିଶା ପାଠ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ପଣ୍ଡାଙ୍କ ସହ ରାମଚନ୍ଦ୍ର ନାଏକ, ରାଜୀବ ଶତପଥୀ, ଗୋବିନ୍ଦ ଅଗ୍ରୱାଲ, ବିପିନ ଭାଟିଆ, ଜୟବ୍ରତ ଦେ, ସୁରେନ୍ ମହାନ୍ତି, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ଦାମୋଦର କର, ରାମଚନ୍ଦ୍ର ମେହେର, ଯଶବୀର ସିଂହ ହୁରା, ମାଧବ ଡାଲମିଆଁ, ଦିଲୀପ ଶର୍ମା, ପରାଗ ଅଗ୍ରୱାଲ, କାହ୍ନୁରାମ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।



सत्यमेव जयते



## ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)



## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସମ୍ବର୍ଦ୍ଧା ହେଉଛି ଆଦ୍ୟ ଗନ୍ଧର୍ବ କଳା: ଏହାର ସୁରକ୍ଷା ପାଇଁ ସରକାର ଦୃଷ୍ଟି ଦେବାକୁ ଦାବି







ସମ୍ବଲପୁର : ସମ୍ବର୍ଦ୍ଧା ହେଉଛି ଆଦ୍ୟ ଗନ୍ଧର୍ବ କଳା । ପାଶ୍ଚାତ୍ୟ ଦେଶର ପ୍ରଭାବରେ ଏହି ପ୍ରାଚୀନ ଲୋକକଳା କ୍ରମଶଃ ଲୋପ ପାଇବାକୁ ଯାଉଥିବା ବେଳେ ଏହାକୁ ସୁରକ୍ଷିତ ଓ ପୁର୍ନଜୀବିତ କରିବା ଦିଗରେ ସରକାର ପଦକ୍ଷେପ ନେବାର ଉଚିତ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧା କଳାକାର ସମ୍ମିଳନୀକୁ ଉଦ୍‌ଘାଟନ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ, କଳାକାରମାନେ ତାଙ୍କ କଳା ମାଧ୍ୟମରେ ପରମେଶ୍ୱରଙ୍କ ସହିତ ଯୋଡ଼ି ହେଉଛନ୍ତି । ତେବେ ଏହି କଳାର ମୌଳିକତାକୁ ରକ୍ଷାକରି ଯୁଗୋପଯୋଗୀ କରାଗଲେ ଏହା ବଞ୍ଚି ରହିବ ବୋଲି କହିଥିଲେ ।

ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜର ଓଡ଼ିଆ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, କଳାର କେବେ ମୃତ୍ୟୁ ହୁଏ ନାହିଁ । ସମ୍ବର୍ଦ୍ଧା କଳା ଏବେ ବଞ୍ଚି ରହିବା ପାଇଁ ସଂଗ୍ରାମ କରୁଥିବା ବେଳେ ଯେଉଁ କଳାକାରମାନେ ଏଥିରେ ସାମିଲ ଅଛନ୍ତି ସେମାନେ ଅଭିନନ୍ଦନୀୟ ବୋଲି କହିଥିଲେ ।

ବିଶିଷ୍ଟ ସଂସ୍କୃତି ଗବେଷକ ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ଆୟୋଜକ 'ସ୍ୱୀକାର'ର ସଂପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ବଡ଼ଧରାର କଳାକାର ବିଭାଷଣ ପ୍ରଧାନ ମଧ ଏଥିରେ ଭାଷଣ ଦେଇଥିଲେ ।

## 'ସ୍ୱୀକାର' ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧା କଳାକାର ସମ୍ମିଳନୀ

ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ବିଶ୍ୱ ପ୍ରସିଦ୍ଧ ରଙ୍ଗବତୀ ଗୀତର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ପଡୋଶୀ ଛତିଶଗଡ଼ ରାଜ୍ୟରୁ ଏହି ସମ୍ମିଳନୀରେ ଯୋଗ ଦେଇଥିବା ଦଳମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ବଡ଼ଧରା, ବାଦିମାଳ, ଝାରଗାଁ, ସମ୍ବଲପୁର ଜିଲ୍ଲା ଖୁଣ୍ଟିଚକୁଲି, ଢ଼ର୍‌ରୋ ପାଏନ୍, ବାବୁଚକୁଲି, କୁସୁମଡିହି, ରେଙ୍ଗଲୋଇ, ରଙ୍ଗିଆଟିକ୍ରାର ମହିଳା ଦଳ ପ୍ରମୁଖ ସମ୍ବର୍ଦ୍ଧା ପରିବେଷଣ କରିଥିଲେ ।

ଏହି ସମ୍ମିଳନୀରେ ସରକାର ଅନ୍ୟ ଲୋକକଳାର ସୁରକ୍ଷା ଦିଗରେ ଯେତିକି ଆନ୍ତରିକତା ଦେଖାଉଛନ୍ତି ସମ୍ବର୍ଦ୍ଧା କଳାର ସୁରକ୍ଷା ଦିଗରେ ସରକାର ସେଭଳି ଆନ୍ତରିକତା ଦେଖାଉ ନ ଥିବା କୁହା ଯାଇଥିଲା । ସମ୍ବର୍ଦ୍ଧା କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ଆର୍ଥିକ ସହାୟତା ଦିଆଯିବା ବ୍ୟବସ୍ଥା କରାଯିବା ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହାଛଡ଼ା ବିଭିନ୍ନ ସମୟରେ ସମ୍ବର୍ଦ୍ଧା ମହୋତ୍ସବ ସରକାର ଆୟୋଜନ କରି କଳାକାରମାନଙ୍କୁ ପୁରସ୍କାର ଏବଂ ସମ୍ବର୍ଦ୍ଧନା ଦିଆଗଲେ ଯୁବପୀଢ଼ି ଏଥିପ୍ରତି ଆକୃଷ୍ଟ ହେବେ । ଏହାଛଡ଼ା ସରକାର ପୁରୁଖା କଳାକାରମାନଙ୍କୁ ଚିହ୍ନଟ କରି କଳାକାର ଭତ୍ତା ଦେବାକୁ ସମ୍ମିଳନୀରେ ଦାବି କରାଯାଇଥିଲା ।




## ଦିଲ୍ଲୀରେ ପ୍ରଥମ ଥର ପାଇଁ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଏନେଇ ଶ୍ରୀପତି ମିଶ୍ରଙ୍କ ଦ୍ୱାରା ରଚିତ 'ସିମଲା ଯାତ୍ରା' ପୁସ୍ତକର ଅବତାରଣା କରିଥିଲେ । ୧୯୦୩ରେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଉତ୍କଳ ସମ୍ମିଳନୀ ସ୍ଥାପନ ପରେ ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସ୍ୱତନ୍ତ୍ର ରାଜ୍ୟ ଗଠନ ଲକ୍ଷ୍ୟ ପୂରଣ ପାଇଁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମଧ ଆନ୍ଦୋଳନ ଦେଖିବାକୁ ମିଳେ ବୋଲି ଶ୍ରୀ ମିଶ୍ର କହିଥିଲେ ।

ଭାରତର ବିକାଶରେ ପୂର୍ବ ଭାରତ ଗ୍ରୋଥ ଇଂଜିନ ଭାବେ କାର୍ଯ୍ୟକରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଉକ୍ତିକୁ ସେ ଭାଷଣରେ ଉଲ୍ଲେଖ କରିଥିଲେ । ବିକଶିତ ଭାରତର ଲକ୍ଷ୍ୟ ସାକାର ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଓଡ଼ିଶା ମୁଖ୍ୟମନ୍ତ୍ରୀ ଭଲ କାମ କରୁଛନ୍ତି ବୋଲି ତାଙ୍କୁ ପ୍ରଶଂସା କରି ଶ୍ରୀ ମିଶ୍ର କହିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ କାର୍ଯ୍ୟ ସଫଳତାର ସହ ଆରମ୍ଭ କରିଛନ୍ତି । ପ୍ରଥମ ଦିନରୁ ସେ ଓଡ଼ିଶାରେ ଭିତ୍ତିଭୂମିର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶାର ବିକାଶ ପାଇଁ ରାଜ୍ୟରେ ଅପାର ସମ୍ଭାବନା ରହିଛି । ବିକଶିତ ଭାରତ ସହ ବିକଶିତ ଓଡ଼ିଶା ହେଉଛି ପ୍ରଧାନ ମନ୍ତ୍ରୀ ମୋଦିଙ୍କ ମୁଖ୍ୟ ଲକ୍ଷ୍ୟ । ଓଡ଼ିଶାର ଉନ୍ନତିକୁ କିଭଳି ପ୍ରୋତ୍ସାହନ ମିଳିବ ବୋଲି ସେ ନେଇ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ସରକାର ହସ୍ତଲିପି ମିଶନ ନାମକ ଏକ ଯୋଜନା ଆରମ୍ଭ କରିଛନ୍ତି । ଓଡ଼ିଶାରେ ତାଳପତ୍ର ଲେଖା ସହ ଅନେକ ପୋଥିରେ ବହୁତ ମୂଲ୍ୟବାନ ଲେଖା ପ୍ରାଚୀନ କାଳରୁ ରହିଛି । ଏହାର ସଂରକ୍ଷଣ ନିତାନ୍ତ ଅବଶ୍ୟକ । ଏହି ଯୋଜନାରେ ଓଡ଼ିଶା ସରକାର ଭାଗନେଇ ଏହାକୁ କାର୍ଯ୍ୟକାରୀ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ ରାଷ୍ଟ୍ରୀୟ ରାଜଧାନୀରେ ୧୨ରୁ ୧୫ ଲକ୍ଷ ପ୍ରବାସୀ ଓଡ଼ିଆ ବସବାସ କରୁଛନ୍ତି । ଏମାନେ ଦିଲ୍ଲୀର ସମୃଦ୍ଧି ପାଇଁ କାର୍ଯ୍ୟ କରିଛନ୍ତି । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦ ଭାର ଗ୍ରହଣ ପରେ ପୁରୀ ଜଗନ୍ନାଥ ଧାମକୁ ପ୍ରଥମ ତୀର୍ଥ ଭାବେ ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ଦିଲ୍ଲୀ ସରକାରଙ୍କ ଦ୍ୱାରା ଏଣିକି ରାଷ୍ଟ୍ରୀୟ ରାଜଧାନାରେ ଓଡ଼ିଶା ପର୍ବ ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ ଗୁପ୍ତା ଘୋଷଣା କରିଥିଲେ । ସଂଧାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଛଉ ନୃତ୍ୟ ସମେତ ଓଡ଼ିଆ ସଙ୍ଗୀତ ପରିବେଶିତ ହୋଇଥିଲା । ବିଜେପି ପ୍ରଥମ ଥର ପାଇଁ କ୍ଷମତାକୁ ଆସିବା ପରେ ଦିଲ୍ଲୀରେ ଓଡ଼ିଶା ଦିବସ ସମାରୋହ-୨୦୨୫କୁ ଭବ୍ୟରୂପେ ପାଳନ କରାଯାଇଛି ଓ ଉତ୍ସବରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା । ସମାରୋହରେ ବିଜେପି ସାଂସଦ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପ୍ରଶାସକ, ବୁଦ୍ଧିଜୀବୀଙ୍କ ସମେତ ଦିଲ୍ଲୀ ଓ ଏନ୍‌ସିଆର ଅଞ୍ଚଳରେ ବସବାସ କରୁଥିବା ୨୦୦୮ରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଯୋଗ ଦେଇଥିଲେ ।

## ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ବର୍ଦ୍ଧା ପ୍ରତିଯୋଗିତା




ସମ୍ବଲପୁର : ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲୁପ୍ତପ୍ରାୟ କଳାକୁ ପ୍ରୋତ୍ସାହନ ଯୋଗାଇବା ତଥା ସମର୍ଥନ ଦେବାପାଇଁ ସମ୍ବର୍ଦ୍ଧା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବ୍ରଦା ପ୍ରତିଯୋଗିତାରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ । ଏଥିରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ବଡ଼ଧରା ଗ୍ରାମର ରାଧାକୃଷ୍ଣ ସମ୍ବ୍ରଦା ମଣ୍ଡଳୀ ପ୍ରଥମ, ବଡ଼ଧରାର ଜୟ ବଜରଙ୍ଗ ସମ୍ବର୍ଦ୍ଧା ମଣ୍ଡଳୀ ଦ୍ୱିତୀୟ ଏବଂ ବାଦିମାଲ ସମ୍ବ୍ରଦା ମଣ୍ଡଳୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସଂଚାର ଗାୟକ ଦୁଃଖନାଶନ ବେହେରା, ଗୁରୁ ଇନ୍ଦ୍ରମଣି ପ୍ରଧାନ, ହେମନ୍ତ କୁମାର ମହାପାତ୍ର ଓ ଡକ୍ଟର ଶ୍ୟାମସୁନ୍ଦର ଧର ଯୋଗ ଦେଇଥିଲେ । ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ଅଧକ୍ଷତା ତଥା ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ହୋତାଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଟ୍ରଷ୍ଟବୋର୍ଡ ସଦସ୍ୟ ହେମନ୍ତ ମିଶ୍ର, ଅନିନ୍ଦିତ ଦାଶ, ଦେବକୁମାର ଆଜମେରିଆ, ସନ୍ତୋଷ ପୃଷେଠ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପ୍ରତିଯୋଗିତାର ବିଜେତା ଦଳମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସ୍ୱରୂପ ଯଥାକ୍ରମେ ୧୦ହଜାର, ୭ ହଜାର ଓ ୫ହଜାର ଟଙ୍କା ପୁରସ୍କାର ରାଶି ଦିଆଯାଇଥିବା ବେଳେ ଶାନ୍ତ୍ୱନାମୂଳକ ପୁରସ୍କାର ଭାବରେ ୨ହଜାର ଟଙ୍କା ଲେଖାଏ ପ୍ରତ୍ୟେକ ପ୍ରତିଯୋଗୀ ଦଳକୁ ଦିଆଯାଇଛି ।

ବର୍ଷ ୨୯, ସଂଖ୍ୟା - ୧୪, ୭- ୧୨ ଅପ୍ରେଲ ୨୦୨୫

# ବ୍ୟୟବହୁଳ ବିବାହ ଉତ୍ସବ

ନିକଟରେ ୱେଡିଙ୍ଗ ଓ୍ୟାର ଇଣ୍ଡିଆ ନାମକ ଘରୋଇ ସଂସ୍ଥା ପକ୍ଷରୁ ଭାରତରେ ବ୍ୟୟବହୁଳ ବିବାହ ପ୍ରକ୍ରିୟା ଉପରେ ସର୍ବେକ୍ଷଣ କରାଯାଇ ଏକ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ଭାରତରେ ହାରାହାରି ବିବାହ ଖର୍ଚ୍ଚ ୨୦୨୨ ମସିହାରେ ପ୍ରାୟ ୨୫ ଲକ୍ଷ ଟଙ୍କା ଥିଲା ବେଳେ ୨୦୨୩ରେ ତାହା ୨୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏଥିରେ ବାସ୍ତବତା ଅପେକ୍ଷା ଆବେଗପଣ ଅଧିକ । ନିଜର ପ୍ରତିପତ୍ତି, ସାମାଜିକ ସ୍ଥିତିକୁ ଦେଖାଇବା ଲକ୍ଷ୍ୟରେ କିଛି ଧନିକ ଶ୍ରେଣୀର ବ୍ୟକ୍ତି ବିବାହ ଉତ୍ସବରେ ପୁଳାପୁଳା ଟଙ୍କା ଖର୍ଚ୍ଚ କରୁଛନ୍ତି । ସେମାନଙ୍କୁ ଦେଖି ଆଉ କିଛି ଲୋକ ନିଜକୁ ଉଚ୍ଚା ତଥା ଅନ୍ୟ ସହ ସମାସ୍କନ୍ଧ ଦେଖାଇବା ଲକ୍ଷ୍ୟରେ ବିବାହକୁ ଅନାବଶ୍ୟକ ଭାବେ ଖର୍ଚ୍ଚବହୁଳ କରୁଛନ୍ତି । ନିଜ ସହରଠୁ ଦୂର ଅନ୍ୟ ସହର ଓ ଏପରି କି ବିଦେଶରେ ମଧ ବିବାହ ଉତ୍ସବ (ଡେଷ୍ଟିନେଶନ ଡିଙ୍ଗ) ଆୟୋଜିତ ହେଉଛି । ଭାରତରେ ବର୍ଷକୁ ପ୍ରାୟ ଏକ କୋଟି ବିବାହ ଉତ୍ସବ ଆୟୋଜନ ହୋଇଥାଏ । ଜୀବନର ସମୁଦାୟ ଆୟର ପ୍ରାୟ ଶତକଡା କୋଡିଏ ଭାଗ ଖର୍ଚ୍ଚ ହେଉଛି ଆଜିର ବିବାହ ଉତ୍ସବ ଆୟୋଜନରେ । ବିଶେଷ କରି ଗତ ନବେ ଦଶକ ପରଠାରୁ ଭାରତରେ ବିବାହ ଉତ୍ସବ ବ୍ୟୟବହୁଳ ହେବା ଆରମ୍ଭ ହୋଇଛି । ୧୯୬୦ ମସିହାରେ ଦେଶରେ ଯୁଦ୍ଧ ପରିସ୍ଥିତି ଓ ମୁଦ୍ରାସ୍ଫୀତି ଯୋଗୁଁ ବିବାହ ଉତ୍ସବରେ ମାତ୍ର ୨୫ ଅତିଥିଙ୍କ ଯୋଗଦାନ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଥିଲା । ମାତ୍ର ଦେଶରେ ନବେ ଦଶକରେ ମୁକ୍ତ ଅର୍ଥନୀତି ପ୍ରଣୟନ ପରଠାରୁ ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିଲା । ଘର ଖର୍ଚ୍ଚ ବିଗତ ତିନି ଦଶନ୍ଧିରେ ଦଶ ଗୁଣ ବଢିଛି । ସେହି ଅନୁପାତରେ ଅନ୍ୟାନ୍ୟ ଖର୍ଚ୍ଚ ବଢିଛି । ସମାଜରେ ଲୋକଙ୍କ ଷ୍ଟାଟସ ବା ମର୍ଯ୍ୟାଦା ବଢିଲା । ପଦ ମର୍ଯ୍ୟାଦା, ଧନ, କ୍ଷମତା ଓ ନିଜର ସର୍ବାଙ୍ଗୀନ ପ୍ରଗତି ପ୍ରଦର୍ଶନ ପାଇଁ ବିବାହ ଉତ୍ସବ କ୍ରମେ ଶ୍ରେଷ୍ଠ ମାଧ୍ୟମ ହେଲା ।

ସମ୍ପ୍ରତି ବିବାହ ଉତ୍ସବ ଆୟୋଜନ ପାଇଁ ଲୋକଙ୍କ ଉପରେ ସାଂସ୍କୃତିକ ଚାପ ସୃଷ୍ଟି ହେଉଛି । ଏହି ଚାପରୁ ମୁକୁଳିବା ପାଇଁ ସେମାନେ ବ୍ୟୟବହୁଳ ଉତ୍ସବ ଆୟୋଜନ କରିବାକୁ ବାଧ ହେଉଛନ୍ତି । ଏହି ଚାପ ସୃଷ୍ଟି ହେଉଛି ସିନେମା, ଟିଭି ସିରିଏଲ ଓ ଇନ୍‌ଷ୍ଟାଗ୍ରାମ୍ ଭଳି କିଛି ସୋସିଆଲ ମିଡିଆ ଅନୁସରଣ ଯୋଗୁଁ । ବିବାହ ଉତ୍ସବକୁ କିପରି ଅଧକ ବ୍ୟୟ ବହୁଳ କରାଯିବ, ସେସବୁର ଉପାୟ ଆମର ସିନେମା, ଟିଭି ସିରିଏଲ ଓ ଇନ୍‌ଷ୍ଟାଗ୍ରାମ୍ ଆଦିରେ ଉପଲବ୍ଧ । ଆମ ଯୁବ ଗୋଷ୍ଠୀ ଏହା ଦ୍ୱାରା ଅଧିକ ପ୍ରଭାବିତ ଓ ସେହିମାନଙ୍କ ଚାପ ଆଗରେ ଅଭିଭାବକମାନେ ବାକ ଶୂନ୍ୟ । ଜୀବନରେ ବିବାହ ଥରେ କରାଯିବ । ତେଣୁ ତାହାକୁ ସ୍ମରଣୀୟ କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରାଯିବାକୁ ପ୍ରୟାସ ହେଉଛି । ଭାରତୀୟ ବିବାହ ସଂସ୍କୃତି ଓ ପରମ୍ପରାରେ ବିଦେଶୀ ସଂସ୍କୃତି ଧସେଇ ପଶିଗଲାଣି ଯାହାପାଇଁ ଖର୍ଚ୍ଚ ବଢୁଛି । ସିନେମା ବା ଟିଭି ସିରିଏଲ ଆଧାରରେ ରିଂ ସେରିମନିଠାରୁ ରିସେପଶନ ପର୍ଯ୍ୟନ୍ତ ସବୁ କିଛି ସାଜସଜ୍ଜା ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟବାଲା ପ୍ରସ୍ତୁତ । ସେଥିପାଇଁ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କାର ପ୍ୟାକେଜ । ଏହା କେବଳ ସହରାଞ୍ଚଳରେ ସୀମାବଦ୍ଧ ନୁହେଁ, ଗ୍ରାମାଞ୍ଚଳରେ ବ୍ୟାପି ଗଲାଣି । ବିବାହ ପାଇଁ ପାଟ, ଲେହେଙ୍ଗା, କୁର୍ତ୍ତା, ସେରୱାନୀ, ବ୍ଲେଜର, ସୁଟ ଆଦି ଦାମୀ ପୋଷାକପତ୍ର ସହ ହେୟାର ଷ୍ଟାଇଲ, ବିୟୁଟି ମେକଅପ, ମଣ୍ଡପ ସାଜସଜ୍ଜା, ଖାଦ୍ୟ (ଷ୍ଟାର୍ଟର, ମେନ କୋର୍ସ ଓ ଡେଜର୍ଟ ), ରିଂ ସେରିମନି, ପ୍ରି– ୱେଡିଙ୍ଗ ଫଟୋ ଶୁଟ୍, ହଳଦୀ, ମେହେନ୍ଦି, ସଙ୍ଗୀତ, ବିବାହ ଦିନ ବରଯାତ୍ରୀ, ବାଣ, ରୋଶଣି ଆଦି ପ୍ରସ୍ତୁତି ହେଉଛି ସିନେମା ଓ ସିରିଏଲରେ ପ୍ରଦର୍ଶିତ ହେଉଥିବା ବିବାହ ଉତ୍ସବ ଆଧାରରେ । ବର୍ତ୍ତମାନ ସମୟରେ ଆପଣଙ୍କ ପାଖରେ ଯେତିକି ଟଙ୍କା ଅଛି ବା ଯେତିକି ଟଙ୍କା ଆପଣ ଖର୍ଚ୍ଚ କରିପାରିବେ, ସେତିକି ଟଙ୍କାରେ ବିବାହ ଉତ୍ସବ ଆୟୋଜନ କଲେ ଆପଣଙ୍କୁ ତାହା ଖୁସି ଦେଇପାରିବନି । କିନ୍ତୁ ଇଣ୍ଟରନେଟରେ ପ୍ରଦର୍ଶିତ ବିବାହ ଉତ୍ସବ ଭଳି ଆୟୋଜନ ପାଇଁ ଆପଣ ଋଣ କରି ଖର୍ଚ୍ଚ କରିପାରିଲେ ତାହା ଆପଣଙ୍କୁ ଖୁସି ଦେବ । ବିବାହ ଉତ୍ସବ ଏବେ ସାମାଜିକ ଓ ଆର୍ôଥିକ ସ୍ୱଚ୍ଛଳତା ପ୍ରଦର୍ଶନର ଉତ୍ସବ ଭାବେ ରୂପାନ୍ତରିତ ହୋଇଛି । ସର୍ବେକ୍ଷଣ କୁହେ, ଶତକଡା ୨୬ ଭାଗ ଅଭିଭାବକ ନିଜ ପାଖରେ ଉପଲବ୍ଧ ଅର୍ଥରେ ସେମାନଙ୍କ ପୁଅ ଝିଅ ବାହାଘର ଆୟୋଜନ କରିବାକୁ ପସନ୍ଦ କରିଥାନ୍ତି । ମାତ୍ର ୬୮ ଭାଗ ଲୋକ ଋଣ କରି ବିବାହ ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତ ହେଉଛନ୍ତି । ବ୍ୟୟବହୁଳ ବିବାହ ଭାରତୀୟ ଅର୍ଥନୀତିକୁ ଚଳଚଞ୍ଚଳ କରୁଛି ବୋଲି ଅର୍ଥନୈତିକ ବିଶାରଦମାନେ କହୁଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ବିବାହ ଶିଳ୍ପ ହେଉଛି ଭାରତର ଚତୁର୍ଥ ବୃହତ୍ତମ ଶିଳ୍ପ, ଯେଉଁଥିରେ ବାର୍ଷିକ ୧୩୦ ବିଲିୟନ ଆମେରିକୀୟ ଡଲାର ବ୍ୟୟ ହୋଇଥାଏ । ଭାରତରେ ମହତ୍ତ୍ୱପୂର୍ଣ୍ଣ ବିବାହ ଉତ୍ସବ ଲକ୍ଷ ଲକ୍ଷ ଲୋକଙ୍କୁ ରୋଜଗାର ପ୍ରଦାନ କରେ । କିନ୍ତୁ ଅନ୍ୟପକ୍ଷରେ ବ୍ୟୟ ବହୁଳ ବିବାହରେ ଅନେକ ପରିବାରର ଆର୍ôଥିକ ମେରୁଦଣ୍ଡ ଦୁର୍ବଳ ହୋଇଯାଉଛି ।



# ଯଜ୍ଞର ଅର୍ଥ

## ମହାତ୍ମା ଗାନ୍ଧୀ

ଯଜ୍ଞର ଅର୍ଥ ହେଉଛି ଅନ୍ୟମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ କରା ଯାଉଥିବା ଏକ କାର୍ଯ୍ୟ, ଏଥିରେ ପ୍ରତିଦାନସ୍ୱରୂପ ଆଦୌ କିଛି ପାଇବାର କାମନା ନ ଥାଏ, ଐହିକ ଅଥବା ଆଧାତ୍ମିକ କୌଣସି ଫଳପ୍ରାପ୍ତିର ବାସନା ନ ଥାଏ । ଏଠାରେ 'କର୍ମ' ଶବ୍ଦଟିକୁ ତାହାର ପ୍ରଶସ୍ତତମ ଅର୍ଥରେ ଗ୍ରହଣ କରିବାକୁ ହେବ ଏବଂ ଏଥିରେ ଭାବନା ଓ କଥା ତଥା କର୍ମାଚରଣର ସକଳ କ୍ଷେତ୍ର ଅନ୍ତର୍ଗତ ହୋଇ ରହିଥିବ । ଅନ୍ୟମାନେ କହିଲେ ସେଥିରେ କେବଳ ମନୁଷ୍ୟମାନେ ନୁହନ୍ତି, ସମଗ୍ର ଜୀବନ ଅନ୍ତର୍ଭୁକ୍ତ ରହିଥିବ ।

ପୁନଶ୍ଚ, ମୂଳତଃ ଏକ ଯଜ୍ଞ ଏପରି ଏକ କାର୍ଯ୍ୟ ହୋଇଥିବ, ଯାହାକି ଏକ ପ୍ରଶସ୍ତତମ କ୍ଷେତ୍ରର ସର୍ବାଧିକ ସଂଖ୍ୟକଙ୍କର କଲ୍ୟାଣ ନିମନ୍ତେ ସର୍ବାଧିକ ପରିମାଣରେ ଅନୁକୂଳ ହୋଇ ରହିଥିବ ଏବଂ ଯାହାକୁ ପ୍ରାୟ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସର୍ବାଧିକ ସଂଖ୍ୟାର ନରନାରୀ ପ୍ରକୃତରେ କରି ପାରୁଥିବା ତେଣୁ, ଆଉ କାହାରି ଅମଙ୍ଗଳ ପାଞ୍ଚିବା ଅଥବା କରିବାକୁ କଦାପି ଯଜ୍ଞ ବୋଲି କୁହାଯିବ ନାହିଁ, ମହାଯଜ୍ଞ ବୋଲି କହିବା ତ ଆହୁରି ଦୂରର କଥା । ତଥାକଥିତ ଏକ ଉଚ୍ଚତର ଉଦ୍ଦେଶ୍ୟର ସାଧନ ନିମନ୍ତେ କରା ଯାଉଥିବା କାର୍ଯ୍ୟକୁ ମଧ ଯଜ୍ଞ କୁହାଯିବ ନାହିଁ । ଯେଉଁସବୁ କାର୍ଯ୍ୟ ଯଜ୍ଞର ପର୍ଯ୍ୟାୟଭୁକ୍ତ ହୋଇ ନ ଥିବ, ତାହା କେବଳ ବନ୍ଧନକୁ ହିଁ ବୃଦ୍ଧି କରିବ ବୋଲି ଗୀତାରେ କୁହାଯାଇଛି ଅଭିଜ୍ଞତା ମଧ ତାହାକୁ ହିଁ ସମର୍ଥନ କରୁଛି । ଏହି ଅର୍ଥରେ ଗ୍ରହଣ କଲେ, ପୃଥିବୀ ଗୋଟିଏ ମୁହୂର୍ତ୍ତ ପାଇଁ ମଧ ଯଜ୍ଞ ବ୍ୟତୀତ ତିଷ୍ଠି ରହିପାରିବ ନାହିଁ ଏବଂ ତେଣୁ, ଦ୍ୱିତୀୟ ଅଧ୍ୟାୟରେ ଯଥାର୍ଥ ପ୍ରଜ୍ଞା ବିଷୟରେ ଚର୍ଚ୍ଚା କରି ସାରିବା ପରେ ଗୀତା ତୃତୀୟ ଅଧ୍ୟାୟରେ ତାହାକୁ ହାସଲ କରିବାର ଉପାୟଗୁଡିକ ବିଷୟରେ ଆଲୋଚନା କରିଛି । ଜଗତ୍ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ହିଁ ଯଜ୍ଞ ମଧ ଆସିଛି ବୋଲି ବିଶଦଭାବରେ ଘୋଷଣା କରିଛି । ତେଣୁ ଆମକୁ ଏହି ଶରୀର ମଧ ଦିଆ ହୋଇଛି, ଯେପରିକି ଆମେ ତା' ସାହାଯ୍ୟରେ ସମସ୍ତ ସୃଷ୍ଟିର ସେବା କରି ପାରିବା । ସେଥିଲାଗି, ଗୀତା କହିଛି ଯେ, ଯିଏ ଯଜ୍ଞ ନ କରି ଆହାର କରୁଛି, ସିଏ କେବଳ ଚୋରିଦ୍ୱାରା ପ୍ରାପ୍ତ ଖାଦ୍ୟକୁ ଆହାର କରୁଛି । ଯେଉଁ ବ୍ୟକ୍ତି ଏକ ଶୁଦ୍ଧ ଜୀବନ ଯାପନ କରିବାକୁ ଇଚ୍ଛା କରିବ, ତା'ର ପ୍ରତ୍ୟେକ କର୍ମ ଏହି ଯଜ୍ଞ ସ୍ୱଭାବର ହିଁ ଏକ କର୍ମ ହୋଇ ରହିଥିବା ଆବଶ୍ୟକ । ଆମର ଭୂମିଷ୍ଠ ହେବା ସହିତ ହିଁ ଯଜ୍ଞ ଆମ ସାଙ୍ଗରେ ଆସିଛି, ତେଣୁ ଆମେ ଜୀବନସାରା ଋଣୀ ହିଁ ହୋଇ ରହିଛୁ ଏବଂ ଏହିପରି ଭାବରେ ବ୍ରହ୍ମାଣ୍ଡର ସେବା କରିବା ନିମନ୍ତେ ନିରନ୍ତର ବାଧ ହୋଇ ରହିଛୁ । ଜଣେ ଅଙ୍ଗୀକାରବଦ୍ଧ ଭୃତ୍ୟ ସିଏ ସେବା ଖଟୁଥିବା ମାଲିକଠାରୁ ଯେପରି ଆହାର ଓ ବସ୍ତ୍ର ଇତ୍ୟାଦି ବସ୍ତୁ ଲାଭ କରିଥାଏ, ଠିକ୍ ସେହିପରି ଆମେ ମଧ ବିଶ୍ୱପତିଙ୍କ ଦ୍ୱାରା ଆମଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଦାନଗୁଡିକୁ କୃତଜ୍ଞତାର ସହିତ ଗ୍ରହଣ କରି ପାରୁଥିବା । ଆମେ ଯାହାକିଛି ପାଉଛୁ, ତାହା ଅବଶ୍ୟ ଏକ ଦାନ ହିଁ ହୋଇଥିବ, କାରଣ ଜଣେ ଜଣେ ଋଣଗ୍ରସ୍ତ ବ୍ୟକ୍ତି ହିସାବରେ ଆମର କର୍ତ୍ତବ୍ୟ ସମ୍ପାଦନରେ ଆଦୌ କୌଣସି ବାଛବିଚାର କରିବାଲାଗି ଆମର କୌଣସି ଅଧିକାର ନାହିଁ । ତେଣୁ, ସେହି ଦାନଗୁଡିକୁ ପାଇଲୁ ନାହିଁ ବୋଲି ଆମେ କଦାପି ପ୍ରଭୁଙ୍କୁ ଦୋଷୀ କରିବା ନାହିଁ । ଆମର ଶରୀର ମଧ ତାଙ୍କରି ସମ୍ପତ୍ତି ଏବଂ କେବଳ ତାଙ୍କରି ଇଚ୍ଛାରେ ହିଁ ଏହାର ପୋଷଣ କରାଯାଇ ପାରିବ ଅଥବା ତାହାକୁ ଫିଙ୍ଗି ମଧ ଦିଆଯାଇ ପାରିବ ।

ଏହା ଅଭିଯୋଗର କଥା ନୁହେଁ ଅଥବା ଦେଖି ପ୍ରକଟ କରିବାର ମଧ ଏକ କଥା ନୁହେଁ । ପରମେଶ୍ୱରଙ୍କର ଯୋଜନାରେ ଆମେ ଯଦି କେବଳ ଆମର ଯଥାଯୋଗ୍ୟ ସ୍ଥାନଟିକୁ ଉପଲବ୍ଧି କରିପାରିବା ତେବେ ଏହାକୁ ହିଁ ଏକ ସ୍ୱାଭାବିକ ଓ ଏପରିକି ଏକ ସୁଖକର ଓ ବାଞ୍ଛନୀୟ ସ୍ଥିତି ବୋଲି କୁହାଯିବ । ଏହି ସର୍ବୋଚ୍ଚ ଆନନ୍ଦଟିକୁ ଅନୁଭବ କରି ପାରିବାକୁ ହେଲେ ଆମ ପାଖରେ ବସ୍ତୁତଃ ଦୃଢ଼ ବିଶ୍ୱାସ ରହିଥିବା ଆବଶ୍ୟକ । 'ତୁ ନିଜଲାଗି ଆଦୌ କୌଣସି ଚିନ୍ତା କରିବୁ ନାହିଁ, ଈଶ୍ୱରଙ୍କ ହାତରେ ହିଁ ତୋ'ର ଯାବତୀୟ ଚିନ୍ତାକୁ ଅର୍ପଣ କରିଦେବୁ' ପ୍ରତ୍ୟେକ ଧର୍ମରେ ଏହା ହିଁ ଏକ ସାଧାରଣ ଅନୁଜ୍ଞା ହୋଇ ରହିଥିବା ପରି ବୋଧ ହେଉଛି ।ଏଥିରେ କାହାରି ଭୀତ ହୋଇପଡିବା ଉଚିତ ନୁହେଁ । ଏକ ନିର୍ମଳ ବିବେକର ସହିତ ଯିଏ ନିଜକୁ ସେବାରେ ହିଁ ନିୟୋଜିତ କରି ରଖିଥାଏ, ସେ ଦିନକୁ ଦିନ ଏହାର ଆବଶ୍ୟକତାକୁ ଅଧିକରୁ ଅଧିକ ପରିମାଣରେ ଅବଶ୍ୟ ବୁଝିପାରିବ ଏବଂ ବିଶ୍ୱାସର କ୍ଷେତ୍ରରେ ଉତ୍ତରୋତ୍ତର ଭାବରେ ଅବଶ୍ୟ ବୃଦ୍ଧିଲାଭ କରୁଥିବ । ଯିଏ ଆପଣାର ସ୍ୱାର୍ଥକୁ ପରିହାର କରି ନ ପାରିବ ଏବଂ ଆପଣା ଜନ୍ମର ସର୍ତ୍ତଗୁଡିକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ହେବ, ସେ କଦାପି ସେବାପଥରେ ଚାଲିବା ଲାଗି ସମର୍ଥ ହେବ ନାହିଁ । ସଚେତନଭାବରେ ହେଉ ଅଥବା ଅସଚେତନଭାବରେ ହେଉ, ଆମେ ପ୍ରତ୍ୟେକ ଅବଶ୍ୟ କିଛି ନା କିଛି ସେବାର କାର୍ଯ୍ୟ କରିଥାଉ । ଯଦି ଆମେ ଇଚ୍ଛାକୃତଭାବରେ ଏହି ସେବାଟିକୁ କରିବାରେ ଆପଣାକୁ ଅଭ୍ୟସ୍ତ କରି ରଖିପାରିବା, ତେବେ ସେବାଲାଗି ଆମର ଆଗ୍ରହ ଅବିଚଳଭାବରେ ଅଧିକ ଦୃଢ଼ ହେବାରେ ଲାଗିବ ଏବଂ ତଦ୍ୱାରା ଆମେ ନିଜେ ଯେ କେବଳ ସୁଖଲାଭ କରିବା ତା' ନୁହେଁ, ତଦ୍ୱାରା ବୃହତ୍ତର ପୃଥିବୀର ମଧ ସୁଖବୃଦ୍ଧି କରି ପାରିବା ।

# ଆତ୍ମାର ସ୍ୱର

ମାନବୀୟ ରୂପ ଗଠନ କରୁଥିବା ବିଭିନ୍ନ କାରକ ମଧ୍ୟରେ ଅହଂକାରକୁ ମଧ ମୂଲ୍ୟବାନ୍ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, କିନ୍ତୁ ଏହାକୁ ବୁଝୁଥିବା ବହୁତ କମ୍ ଲୋକ ଅଛନ୍ତି । କାରଣ ଅହଂକାର ଅଦୃଶ୍ୟ, ଏହାକୁ ଦେଖାଯାଇ ପାରିବ ନାହିଁ କିମ୍ବା ଚିହ୍ନି ହେବ ନାହିଁ । ଏହାର ଉତ୍ତର ଅଳ୍ପ କିଛି ବ୍ୟକ୍ତିଙ୍କ ପାଖରେ ରହିଛି, ଯେଉଁମାନେ ଏହାକୁ ବୁଝନ୍ତି ଏବଂ ପରିବର୍ତ୍ତନର ଏକ ଦିବ୍ୟ ରୂପାନ୍ତରଣର ପଦ୍ଧତି ଗ୍ରହଣ କରନ୍ତି ।ଅହଂକାର ଶକ୍ତିଶାଳୀ ତଥା ଏହାକୁ ବୁଝିବା ପାଇଁ ବିଚାର-ଦୃଷ୍ଟି ଏବଂ ସୁଦୃଢ଼ ପର୍ଯ୍ୟବେକ୍ଷଣର ଆବଶ୍ୟକତା ରହିଛି । ଅହଂକାର ସେତେବେଳେ ସକ୍ରିୟ ହୁଏ, ମୁଁ ଯେତେବେଳେ ଏହା ବାହ୍ୟ ଘଟଣାଗୁଡ଼ିକ ମଧରେ ନିଜର ଉପସ୍ଥିତି ଦର୍ଶାଇଥାଏ । ଯେତେବେଳେ ଆମ ମନର ଅଚେତନ ଅବସ୍ଥାରେ ସକ୍ରିୟ ପ୍ରବୃତ୍ତିଗୁଡ଼ିକ ସ୍ୱତଃସ୍ଫୁର୍ତ୍ତ ଭାବରେ ସହଜରେ ଜାଗିଉଠେ ଏବଂ ଆମେ ଜଗତର ପ୍ରକୃତ ସ୍ୱରୂପକୁ ବୋଧ କରୁ, ସେତେବେଳେ ଆମେ ଆତ୍ମାର ନିର୍ଲିପ୍ତତାର ଅର୍ଥ ବୁଝିବା ଆରମ୍ଭ କରୁ ଏବଂ ଆମ ଚିନ୍ତନ ସତ୍ୟର ସୁଦୀର୍ଘ ପଥରେ, ଆତ୍ମାର ଅମର ଆଲୋକରେ ଚାଲିବା ଆରମ୍ଭ କରେ ତଥା ଯେଉଁ ସବୁ ପରିସ୍ଥିତି ଏପର୍ଯ୍ୟନ୍ତ ସମସ୍ୟା ଓ କଠିନତା ରୂପରେ ଦେଖାଯାଉଥିଲା, ବର୍ତ୍ତମାନ ସେଗୁଡ଼ିକ ବିକାଶ ଓ ପରିଶୋଧନର ପଥକୁ ସୂଚିତ କରିଥାଏ ।

ଅହଂକାର ଆତ୍ମାର ନିର୍ଦ୍ଦିଷ୍ଟ ପ୍ରେରଣାକୁ ଧାରଣ କରୁ ଏବଂ ତାହାକୁ ନିଜର ବିକଶିତ ସ୍ୱରୂପରେ ଅନ୍ତରାତ୍ମାର ଅବଲମ୍ବନ ପ୍ରାପ୍ତ ହେଉ, ଏହି ସୁଦୃଢ଼ ବିଚାର ପ୍ରଣାଳୀ ଆଧାରରେ ଆତ୍ମାର କେନ୍ଦ୍ରୀୟ ସ୍ୱର ତାହାର ସମ୍ପୂର୍ଣ୍ଣ ସ୍ପଷ୍ଟ ଅବସ୍ଥାକୁ ପ୍ରାପ୍ତ ହୋଇଥାଏ ତଥା ସତ୍ୟର ଆହ୍ୱାନରେ ମନୁଷ୍ୟର ଚିନ୍ତନ ଓ ଦୃଷ୍ଟିକୋଣ ପରିମାର୍ଜିତ, ପରିଷ୍କୃତ ହୋଇଥାଏ । ଯେତେବେଳେ ମନର ପ୍ରବୃତ୍ତି ସମ୍ପୂର୍ଣ୍ଣ ରୂପେ ସ୍ଥିର ହୋଇଯାଏ, ମନ ପ୍ରକୃତରେ ଯାହା ସତ୍ୟ ତାହା ସହିତ ଆତ୍ମୀୟ ଭାବ ସ୍ଥାପିତ କରିନିଏ ଏବଂ ତାକୁ ଆତ୍ମୀୟତାର ପରିସର ମଧରେ ସମଗ୍ର ଜଗତ ରହିଥିବାର ଓ ସର୍ବତ୍ର ଏକ ହିଁ ଆତ୍ମାର ଦର୍ଶନ ହୁଏ ।

**ଅବଶିଷ୍ଟାଂଶ ୭ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ପପୁ ସବୁଦିନ ଲେଟ୍‌ରେ ସ୍କୁଲ ପହଞ୍ଚେ । ସେଥିପାଇଁ ଶିକ୍ଷକ : ତୋର ସବୁଦିନ ଏତେ ଲେଟ୍ କାହିଁକି ହେଉଛି ?

ପପୁ : ଗୋଟେ ବୋର୍ଡ ପାଇଁ ।

ଶିକ୍ଷକ : କୋଉ ବୋର୍ଡ ?

ପପୁ : ସ୍କୁଲ ଆସିବାବେଳେ ଗୋଟେ ବୋର୍ଡରେ ଲେଖା ହେଇଛି –ଆଗରେ ସ୍କୁଲ ଅଛି, କୃପାକରି ଧୀରେ ଚାଲନ୍ତୁ । ସେଇ ଧୀରେ ଧୀରେ ଆସିବାରୁ ଲେଟ୍ ହେଉଛି ।

× × × ×

ବୋହୂ ଜୁସ୍ ଦୋକାନରେ ଠିଆ ହୋଇ ପଚାରିଲା : ଶାଶୁ ମା, କେଉଁ ଜୁସ୍ ପିଇବ ? ଶାଶୁ କହିଲେ – ମୋ ପାଇଁ ମିକ୍ସ ନେଇ ଆ ।

ବୋହୂ : ଜୁସ୍ ପିଇସାରି ଜୁସ୍ ଦୋକାନରେ ଥିବା ମିକ୍ସର ମେଶିନ ଧରି ଦୌଡିଲା ।

ଶାଶୁ : ଆରେ ଏ ମିକ୍ସର ମେଶିନ୍ କ'ଣ ଆଣିଛୁ ?

ବୋହୂ : ଆପଣ ତ କହିଲେ ମିକ୍ସର ନେଇଆ । ସେଥିପାଇଁ ମୁଁ ଯାକୁ ଧରି ଦୌଡିଛି । ଏହା ଶୁଣି ଶାଶୁ ବେହୋସ ।

× × × ×

ସ୍ତ୍ରୀର ଜନ୍ମଦିନ ସ୍ୱାମୀ ଭୁଲି ଯାଇଥିବାରୁ ସ୍ତ୍ରୀ ରାଗିକି ବସିଥାଏ । ଏହା ଦେଖି ସ୍ୱାମୀ : କ'ଣ ହେଇଛି ତୁମର ?



ମୁହଁକୁ ହାଣ୍ଡି ଭଳି କାହିଁକି କରିଛ ?

ସ୍ତ୍ରୀ : ମନେ ପକେଇଲ ଆଜି କ'ଣ ?

ସ୍ୱାମୀ : ଆମ ଆନିଭର୍ସରୀ ?

ସ୍ତ୍ରୀ : ନା । ସ୍ୱାମୀ : ତା'ହେଲେ ଆଉ କ'ଣ ?

ସ୍ତ୍ରୀ : ଆଜି ମୋ ଜନ୍ମଦିନ । ପୁରା ଭୂଲି ଯାଇଛ ନା ?

ସ୍ୱାମୀ : କେମିତି ମନେ ରଖନ୍ତି କହିଲ ? ତମକୁ ଦେଖିଲେ ତ ବୟସ ବଢିବା ଭଳି ଜମାରୁ ଲାଗେନି ।

ସ୍ତ୍ରୀ ଲୁହ ପୋଛି ହସି ହସି : ସତ ! ହଉ ହେଲା ତମେ ବସ ମୁଁ କ୍ଷୀରି ଆଣୁଛି ଖାଇବ ।

# ରାମ ନବମୀ ଅବସରରେ ଦୀପାଳି - ଦୁର୍ଗେଶଙ୍କ ମଧ୍ୟରେ ପୋଷ୍ଟର ଲଢେଇ






ଝାରସୁଗୁଡା, **(ସନ୍ତୋଷ କୁମାର ମହାପାତ୍ର):** ଝାରସୁଗୁଡା ସହରରେ ରାମନବମୀ ପାଳନର ମାହୋଲ ଏକ ଭିନ୍ନ ଦିଗକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ୩ ରୁ ୪ ଦିନ ହେବ ଝାରସୁଗୁଡା ସହରସାରା ଝାରସୁଗୁଡାର ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ପୁଅ ତଥା ଯୁବ ନେତା ଦୁର୍ଗେଶ ମହାନ୍ତିଙ୍କ ଫଟୋ ଆଉ କେତେକ ଜାଗାରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସହ ଫଟୋ ଲଗା ଯାଇଥିଲା । ଏହାକୁ ନେଇ ଝାରସୁଗୁଡାରେ ଦୁର୍ଗେଶ ମହାନ୍ତିଙ୍କ ରାଜନୀତି କ୍ୟାରିଅର ଆରମ୍ଭ ହେବା କଥା ବେଶ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଶୁକ୍ରବାର ସକାଳୁ ଝାରସୁଗୁଡା ସହର ସାରା ନବ ଦାସଙ୍କ ଝିଅ ତଥା ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କ ଫଟୋ ସହିତ କେତେକ ସ୍ଥାନରେ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଫଟୋ ସହିତ ଝାରସୁଗୁଡା ସହରର ଗଳିକନ୍ଦିରେ ଲଗା ଯାଇଥିବା ବେଳେ ସହରରେ ଆଉ ପୋଷ୍ଟର ଲଗାଇବା ପାଇଁ ଜାଗା ନାହିଁ । ଯେପରି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କିଶୋର ମହାନ୍ତି ଓ ନବ ଦାସଙ୍କ ସମ୍ପର୍କ ବିଷୟରେ ଝାରସୁଗୁଡା କାହିଁକି ସାରା ଓଡିଶା ବାସୀଙ୍କୁ ବେଶ ଜଣା ଥିଲା । କିଛିଦିନ ହେବ ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ଦିନ ଠାରୁ ହିଁ ମହାନ୍ତି ଓ ଦାସ ପରିବାର ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହେବାର ଆଭାସ ମିଳି ସାରିଲାଣି ବୋଲି କୁହାଯାଉଛି । ଏହା ସହିତ ଝାରସୁଗୁଡା ଜିଲ୍ଲା ବିଜେଡି ଭିତରେ ନବ ଦାସ ଓ କିଶୋର ମହାନ୍ତିଙ୍କ ଅନୁଗତଙ୍କ ମଧ୍ୟରେ ମଧ୍ୟ ଅହି ନକୁଳ ସମ୍ପର୍କ ଥିବା ଗତ ସାଧାରଣ ନିର୍ବାଚନ ଠାରୁ ଜଣା ପଡିସାରିଲାଣି । ଏହିପରି ସ୍ଥଳେ ଅପ୍ରତ୍ୟାଶିତ ଭାବେ ଝାରସୁଗୁଡା ୨ ନିର୍ବାଚନ ମଣ୍ଡଳୀରେ ଜିତିଥିବା ୨ ବିଜେପି ବିଧାୟକ ବିଜେଡି ତଥା ମହାନ୍ତି ଓ ଦାସ ପରିବାର ଠାରୁ ବେଶ ରାଜନୈତିକ ଫାଇଦା ନେବା କଥା ଜିଲ୍ଲା ସହିତ ସାରା ରାଜ୍ୟରେ ଆଗରୁ ମଧ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା ।

ଇତି ମଧ୍ୟରେ ଝାରସୁଗୁଡା ସହରରେ ରାମ ନବମୀ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେଥିପାଇଁ ଝାରସୁଗୁଡା ପୋଲିସ ପକ୍ଷରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଟାଉନ ଥାନା ଅଧିକାରୀ ରଞ୍ଜନ ବରିହାଙ୍କ ନେତୃତ୍ୱରେ ଝାରସୁଗୁଡା ପୋଲିସ ପକ୍ଷରୁ ଝାରସୁଗୁଡା ସହରର ସରବାହାଲ ଠାରୁ ବେହେରାମାଳ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା ।







Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra